















# ବିଜେପି ପ୍ରାର୍ଥୀ ପ୍ରଦ୍ୟୁମ୍ନ ବିଜୟୀ

**ଭଞ୍ଜନଗର ବିଧାନସଭା**



ଭଞ୍ଜନଗର,୪।୬(ସମିସ): ସାଧାରଣ ନିର୍ବାଚନ ୨୦୨୪ର ଫଳାଫଳ ପ୍ରକାଶ ପାଇଛି। ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ୧୨୩ନଂ ଭଞ୍ଜନଗର, ୧୨୮ନଂ ଆସ୍କା ଓ ୧୨୯ନଂ ସୋରଡ଼ା ବିଧାନସଭାରେ ମଧ୍ୟ ବିଜେଡିକୁ ପରାସ୍ତ କରି ବିଜେପି ପ୍ରାର୍ଥୀମାନେ ବିଜୟ ଲାଭ କରିଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ସପ୍ତମ ଥର ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୧୯ ରାଉଣ୍ଡରେ ମୋଟ ୬୬,୯୫୪ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପ୍ରଦ୍ୟୁମ୍ନ କୁମାର ନାୟକ ମୋଟ ୮୩,୦୮୧ଭୋଟ ପାଇଛନ୍ତି। ୧୬,୧୨୭ଖଣ୍ଡ ଅଧିକ ଭୋଟ ପାଇ ବିଜେପିର ପ୍ରଦ୍ୟୁମ୍ନ କୁମାର ନାୟକ ବିଜୟୀ ହୋଇଛନ୍ତି। ତୃତୀୟ ସ୍ଥାନରେ କଂଗ୍ରେସ ଦଳର ପ୍ରଶାନ୍ତ କୁମାର ବିଷୋୟୀ ୫,୦୫୪ ଭୋଟ ପାଇଥିବା ବେଳେ ନୋଟାରେ ୧୯୨୦ ଭୋଟ ପଡ଼ିଥିଲା। ବିଜୟ ଉତ୍ସବ ପାଳନ ପାଇଁ ବିଜେପି କର୍ମୀମାନେ ପ୍ରବଳ ବର୍ଷାରେ ମଧ୍ୟ ନିଜ ପ୍ରିୟ ନେତାଙ୍କୁ ଭେଟି ପୁଷ୍ପମାଲ୍ୟ ଦେଇ ବିଜୟ ଉତ୍ସବ ପାଳନ କରିଛନ୍ତି।

# ବିଜେପିର କୃଷ୍ଣଚନ୍ଦ୍ର ନାୟକ ବିଜୟୀ

**ଛତ୍ରପୁର ବିଧାନସଭା**



ଛତ୍ରପୁର,୪।୬(ସମିସ): ଛତ୍ରପୁର ବିଧାୟକ ଭାବେ ନିର୍ବାଚିତ ହେଲେ ବିଜେପିର କୃଷ୍ଣଚନ୍ଦ୍ର ନାୟକ। କୃଷ୍ଣ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁବାସ ଚନ୍ଦ୍ର ବେହେରାଙ୍କଠାରୁ ୧୧୨୬୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଛତ୍ରପୁର ବିଧାନସଭା ପାଇଁ ବିଜେପିର କୃଷ୍ଣଚନ୍ଦ୍ର ନାୟକ ୭୪୬୨୭ ଭୋଟ ପାଇଥିବାବେଳେ ବିଜୁ ଜନତା ଦଳର ସୁବାସ ଚନ୍ଦ୍ର ବେହେରା ୬୩୩୬୨ ଖଣ୍ଡ ଭୋଟ, କଂଗ୍ରେସର ଭାଗିରଥି ବେହେରା ୭୧୨୧ ଖଣ୍ଡ ଭୋଟ, ସିପିଆଇର ଗୁରୁନାଥ ପ୍ରଧାନ ୩୯୫୫ ଖଣ୍ଡ ଭୋଟ ପାଇଛନ୍ତି। ତେବେ ବିଜେପିର କୃଷ୍ଣଚନ୍ଦ୍ର ୧୧୨୬୫ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି।

# ସୋରଡ଼ାରେ ବିଜେପି ପ୍ରାର୍ଥୀ ନୀଳମଣି ବିଜୟୀ



ସୋରଡ଼ା,୪।୬(ସମିସ): ଭଞ୍ଜନଗରସ୍ଥିତ ଗଣତି କେନ୍ଦ୍ରରେ ସୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଶେଷ ରାଉଣ୍ଡ ସୁଦ୍ଧା ବିଜେପିର ନୀଳମଣି ବିଷୋୟୀ ୮୩୪୮୦ ଓ ବିଜେଡିର ସଂଘମିତ୍ରା ସ୍ୱାଇଁ ୫୫୨୭୭ ଓ କଂଗ୍ରେସର ହରିକୃଷ୍ଣ ରଥ ୭୪୫୦ ଭୋଟ୍ ପାଇଛନ୍ତି। ୨୮୨୦୩ ଭୋଟରେ ବିଜେପିର ନୀଳମଣି ବିଷୋୟୀ ବିଜୟଲାଭ କରିଲେ। ଏଣୁ କର୍ମୀଙ୍କ ମହଲରେ ଅନେକ ଉତ୍ସାହ ସହିତ ଶୁଭେଚ୍ଛାର ସୁଅ ଦେଖିବାକୁ ମିଳିଥିଲା। ବିଜୟୀ ପ୍ରାର୍ଥୀ ନୀଳମଣି ଏହି ବିପୁଳ ଜନ ସମର୍ଥନ ପାଇଁ ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଧନ୍ୟବାଦ ଦେବା ସହିତ ପ୍ରଥମେ ପାନୀୟ ଜଳ ସମସ୍ୟା ଦୂର ପାଇଁ ପଦକ୍ଷେପ ନେବେ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି।

## ବିଜେପି ଖାତାକୁ ଗଲା ବ୍ରହ୍ମପୁର ଓ ଆସିକା ଲୋକସଭା ଆସନ

# ଗଞ୍ଜାମରୁ ୧୧ ବିଜେପି, ୧ ବିଜେଡି ଓ ୧ କଂଗ୍ରେସ

- ସାନଖେମୁଣ୍ଡିରେ ସ୍ଥିତି ବଜାୟ ରଖିଲା କଂଗ୍ରେସ
- ବିଜେଡି ଗଡ଼ ରକ୍ଷା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ବ୍ରହ୍ମପୁର,୪।୬(ସମିସ)

ସାଧାରଣ ନିର୍ବାଚନରେ ଦୁଇଟି ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାରେ ମତଦାନ ସରିଥିଲା। ମଙ୍ଗଳବାର ଭୋଟ ଗଣତି ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାର ଦୁଇଟି ଲୋକସଭା ଆସନ ଆସିକା ଓ ବ୍ରହ୍ମପୁରରେ ଭାରତୀୟ ଜନତା ପାର୍ଟି ବାଜିମାତ କରିବାକୁ ଯାଉଛି। ଆସିକା ଲୋକସଭାରେ ବିଜେପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ଓ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଖବର ଲେଖାହେବା ପର୍ଯ୍ୟନ୍ତ ଆଗୁଆ ରହିଛନ୍ତି। ସେହିଭଳି ଗଞ୍ଜାମ ଜିଲ୍ଲାର ୧୩ ବିଧାନସଭା ମଧ୍ୟରୁ ୧୧ଟି ଆସନ ବିଜେପି ଖାତାକୁ ଯାଇଥିବା ବେଳେ ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଡ଼ ବଜାୟ ରଖିଛନ୍ତି। ସେହିଭଳି ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପୁନଃବାର ଏହି ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଆସିକାରୁ ବିଜେପି ପ୍ରାର୍ଥୀ ସରୋଜ ପାଢୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଞ୍ଜୁଳା ସ୍ୱାଇଁଙ୍କଠାରୁ ୭ହଜାର ୯୦୦ଖଣ୍ଡ ଭୋଟରେ ଆଗୁଆ ରହିଛନ୍ତି। ବ୍ରହ୍ମପୁର ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ କେ ଅନୀଲ କୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କଠାରୁ ୧୭ହଜାର ୮ଶହରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିବା ସୂଚନା ମିଳିଛି। ଅନୁରୂପ ଭାବେ ଭଞ୍ଜନଗର ବିଧାନସଭା ଆସନରୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ୧୫ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପଛରେ ପକାଇ ବିଜେପି ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ଆଗୁଆ ରହିଛନ୍ତି। ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କୁ ପଛରେ ପକାଇ ବିଜେପି ପ୍ରାର୍ଥୀ ବିଭୂତି ଭୂଷଣ ଜେନା ୮ହଜାର ୫ଶହରୁ ଉର୍ଦ୍ଧ୍ୱ ଭୋଟରେ ଆଗୁଆ ରହିଛନ୍ତି। ସେହିପରି ଛତ୍ରପୁର ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁବାଷ ଚନ୍ଦ୍ର ବେହେରାଙ୍କଠାରୁ ୯ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଆଗୁଆ ରହିଛନ୍ତି। ଚିକିଟି ବିଧାନସଭା ଆସନରୁ ମନ୍ତ୍ରୀ ଉଷା ଦେବୀଙ୍କ ପୁଅ ତଥା ବିଜେଡ଼ି ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓଙ୍କୁ ୬ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପଛରେ ପକାଇ ବିଜେପି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ବିଜୟ ମୁକୁଟ ପିନ୍ଧିବାରେ ସକ୍ଷମ ହୋଇଛନ୍ତି। ଖଲ୍ଲିକୋଟ ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ପୂର୍ଣ୍ଣ ସେଠୀ ୨୩ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୂର୍ଯ୍ୟମଣୀ ବୈଦ୍ୟ ଏଠାରେ ପଛୁଆ ହୋଇଯାଇଛନ୍ତି। ସେହିପରି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଲତିକା ପ୍ରଧାନଙ୍କଠାରୁ ୨୬ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଆଗୁଆ ରହିଥିବା ଜଣାଯାଇଛି। ଅନୁରୂପ ଭାବେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ରମେଶ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କଠାରୁ ୧୦ହଜାର ୬ଶହରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଆଗୁଆ ରହିଛନ୍ତି। ପୋଲସରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଶ୍ରୀକାନ୍ତ ସାହୁଙ୍କଠାରୁ ୧୮ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଆଗୁଆ ରହିଛନ୍ତି। ସୋରଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁଙ୍କଠାରୁ ବିଜେପିର ପ୍ରାର୍ଥୀ ନୀଳମଣି ବିଷୋୟୀ ସର୍ବାଧିକ ୨୮ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଆଗୁଆ ରହିଛନ୍ତି। ବିଜେଡିର ଗଡ଼ କୁହାଯାଉଥିବା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ଚଳିତଥର ବିଜେପି ବାଜିମାତ କରିବାକୁ ଯାଉଛି। ବିଜେଡ଼ି ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କଠାରୁ ୧୩ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜେପି ପ୍ରାର୍ଥୀ ଡ଼ ସିଦ୍ଧାନ୍ତ ମହାପାତ୍ର ଆଗୁଆ ରହିଥିବା ସୂଚନା ମିଳିଛି। ସେହିଭଳି ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଡ଼ ରକ୍ଷା କରିବା ସହ ଏଠାରୁ ପୁଣି ଜନଗଣଙ୍କ ଆଶୀର୍ବାଦ ପାଇ ଆଗୁଆ ରହିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ପଲିଟେକନିକ ପରିସରରେ ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି ଓ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଗଣତି ହୋଇଥିବା ବେଳେ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ପରିସରରେ ଚିକିଟି ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ହୋଇଥିଲା। ସେହିଭଳି ଛତ୍ରପୁର ଆନ୍‌ସ୍ଲୋ ସ୍କୁଲ ପରିସରରେ ଛତ୍ରପୁର, ହିଞ୍ଜିଳି, ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ପୋଲସରା ନିର୍ବାଚନ ମଣ୍ଡଳୀର ଭୋଗ ଗଣତି ହୋଇଥିବା ବେଳେ ଭଞ୍ଜନଗର କେଏସୟୁବି କଲେଜ ପରିସରରେ ଭଞ୍ଜନଗର, ଆସିକା ଓ ସୋରଡ଼ା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ହୋଇଥିଲା। ସମସ୍ତ କେନ୍ଦ୍ରରେ ସକାଳ ୮ରୁ ଭୋଟ ଗଣତି ହୋଇଥିବା ବେଳେ ତତପୂର୍ବରୁ କଡ଼ା ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗ ରୁମ ରହିଥିଲା। ପ୍ରତ୍ୟେକ ସ୍ଥାନରେ ବ୍ୟାପକ ପୁଲିସ ମୁତୟନ ରହିଥିଲେ।

**ଖଲ୍ଲିକୋଟରେ ବିଜେପିର ବାଜିମାତ୍**

# ପୂର୍ଣ୍ଣଚନ୍ଦ୍ର ସେଠୀ ବିଜୟୀ




ଖଲ୍ଲିକୋଟ,୪।୬(ସମିସ): ସ୍ୱର୍ଗତ ରାଣୀ ମା' ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ଦୁର୍ଗ ଭାବେ ପରିଚିତ ଖଲ୍ଲିକୋଟ ଗଡ଼କୁ ଦଖଲ କରିଛି ବିଜେପି। ୨୦୨୪ ସାଧାରଣ ନିର୍ବାଚନର ଘୋଷିତ ଫଳାଫଳ ଅନୁଯାୟୀ ବିଜେପି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟଙ୍କୁ ୨୩,୦୫୭ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ବିଜେପିର ପୂର୍ଣ୍ଣଚନ୍ଦ୍ର ସେଠୀ ମୋଟ ୮୦,୨୩୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିର ସୂର୍ଯ୍ୟମଣୀ ବୈଦ୍ୟ ୫୭,୧୭୩ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସର ଚିତ୍ରସେନ ବେହେରା ୭୮୫୭ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୩୭୯୮ ଖଣ୍ଡ ଭୋଟ ପଡ଼ିଛି।

# ପାରଳା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଇଂ.ରୂପେଶ ପାଣିଗ୍ରାହୀ ବିଜୟୀ

ପାରଳାଖେମୁଣ୍ଡି,୪।୬(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ କେ. ନାରାୟଣ ରାଓଙ୍କୁ ୪୧୧୫ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ରୂପେଶ ୫୫,୧୨୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନାରାୟଣ ରାଓ ୫୧,୦୧୯ ଭୋଟ ପାଇଛନ୍ତି । ଏନେଇ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଏଥିରେ କଂଗ୍ରେସ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ୩୪୮୧୨ ଭୋଟ, ଆପ୍ ପ୍ରାର୍ଥୀ ମନୋଜ କୁମାର ବଡନାୟକ ୧୩୨୧, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ପି. ମୂରଲୀ କ୍ରିଷ୍ଣା ୪୨୨, ମାନସ ଲୋକଶକ୍ତି ଦଳ ପ୍ରାର୍ଥୀ ପବିତ୍ର ସିଂ ୩୦୧, ସ୍ୱାଧୀନ ପ୍ରାର୍ଥୀ ଆମୋଦ କୁମାର ବର୍ଦ୍ଧନ ୩୪୬ , ବିକାଶ ଚନ୍ଦ୍ର ସିଂ୪୨୯, ବିଦ୍ୟାଧର ମହାଙ୍କୁଡ ୩୯୬, ସଞ୍ଜୟ କୁମାର ରାଉତ ୫୯୧ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୧୪୬୬ ଖଣ୍ଡ ଭୋଟ ପଡିଥିଲା । ସୂଚନା ଯୋଗ୍ୟ ଯେ ପାରଳାଖେମୁଣ୍ଡି ବିଧାନସଭାରେ ମୋଟ ମତଦାତା ସଂଖ୍ୟା ୨ ଲକ୍ଷ ୧୭ ହଜାର ୫୫୫ରୁ ୧ଲକ୍ଷ ୪୮ ହଜାର ୧୨୭ଜଣ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ । ଆଜି ସକାଳ ୮ ଘଣ୍ଟା ସମୟରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମତଗଣନା ଆରମ୍ଭ ହୋଇଥିଲା । ପ୍ରଥମେ ପୋଷ୍ଟାଲ ବ୍ୟାଲେଟ୍ ଗୁଡିକୁ ଗଣତି ହେବା ପରେ ପ୍ରତି ରାଉଣ୍ଡର ୧୦ଟି ଟେବୁଲରେ ଇଭିଏମ୍ ର ମତଗଣନା ହୋଇଥିଲା । ୨୭୬ ବୁଥ୍ ର ମୋଟ ୨୮ ରାଉଣ୍ଡରେ ଗଣତି ହୋଇଥିଲା ।



# ଫଳାଫଳକୁ ନେଇ ଗଞ୍ଜାମ ଜିଲ୍ଲାର ୩ ପ୍ରମୁଖ ଦଳର ପ୍ରତିକ୍ରିୟା

- ସଫଳତା ଅବିଶ୍ୱସନୀୟ : ଡା. ସୁବାସ ସାହୁ
- ଜନମତକୁ ସମ୍ମାନ ଜଣାଇବା ଉଚିତ : ଡା. ଚ୍ୟାଉପଟ୍ଟନାୟକ
- କଂଗ୍ରେସ ସ୍ଥିତିରେ ଅନେକ ସୁଧାର ଆସିଛି : ଦୀପକ ପଟ୍ଟନାୟକ

ବ୍ରହ୍ମପୁର,୪।୬(ସମିସ)

ଚଳିତ ନିର୍ବାଚନରେ ରାଜ୍ୟରେ ଦିର୍ଘ ଦିନର ବିଜେଡି ସରକାର ବିରୋଧରେ ଯାଇଛି ଜନମତ। ଏହି କ୍ରମରେ ବିଜେଡିର ଗଡ କୁହାଯାଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଜ ଜିଲ୍ଲା ଗଞ୍ଜାମରେ ବିଜେପିକୁ ମିଳିଛି ଅଭୂତପୂର୍ବ ସଫଳତା। ଜିଲ୍ଲାର ମୋଟ ୧୩ଟି ବିଧାନସଭା ମଧ୍ୟରୁ ୧୧ଟି ବିଜେପି ହାତକୁ ଯାଇଥିବା ବେଳେ ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ଭାବେ ୬ଷ୍ଠ ଥର ପାଇଁ ଆଶୀର୍ବାଦ ଦେଇଛନ୍ତି ଭୋଟର। ସେହିଭଳି ଜିଲ୍ଲାରେ ସାନଖେମୁଣ୍ଡି ବିଧାନସଭା ଆସନରେ କଂଗ୍ରେସ ନିଜର ସ୍ଥିତି ବଜାୟ ରଖିବାରେ ସଫଳ ହୋଇଛି। ସେହିପରି ଦୁଇଟି ଲୋକସଭା ଆସନରୁ ୨ଟି ଯାକ ବିଜେପି ହାତକୁ ଯାଇଛି। ଭୋଟଗଣତି ପୂର୍ବରୁ ଯଦିଓ ଭିନ୍ନଭିନ୍ନ ପ୍ରକାରର ଅଙ୍କକଷା ହେଉଥିଲା କିନ୍ତୁ ତାହାର ଠିକ୍ ବିପରୀତ ଫଳାଫଳ ବାହାରିଛି ଗଣତି ପରେ। ଯାହା କେହି କେବେ ଆଶା କରିନଥିଲେ ତାହା ଦେଖିବାକୁ ମିଳିଛି। ତେବେ ଜନମତକୁ ନେଇ ସମସ୍ତ ରାଜନୈତିକ ଦଳ ପକ୍ଷରୁ ମିଳିଛି ଭିନ୍ନଭିନ୍ନ ପ୍ରତିକ୍ରିୟା। ସମସ୍ତେ ଜନମତକୁ ସମ୍ମାନ ଜଣାଇଛନ୍ତି। ବିଜେପି ଜିଲ୍ଲା ସଭାପତି ଡାକ୍ତର ସୁବାଷ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଚଳିତ ନିର୍ବାଚନରେ ଜିଲ୍ଲାରେ ୫ରୁ୬ଟି ଆସନ ହାତେଇବାର ଆଶା ଥିଲା। ଅବଶିଷ୍ଟ ଆସନରେ କଡା ମୁକାବିଲା ହେବ ବୋଲି ଆଶା କରାଯାଉଥିଲା। ତେବେ ଆସିଥିବା ଫଳାଫଳରୁ ଏହା ସ୍ପଷ୍ଟ ଯେ ଲୋକେ ରାଜ୍ୟରେ ବିକଳ୍ପ ସରକାର ଚାହୁଁଥିଲେ ଏବଂ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରିଛନ୍ତି। ଜିଲ୍ଲା ସଭାପତି ଭାବେ ଦଳର ଏଭଳି ସଫଳତାକୁ ନେଇ ସେ ବେଶ୍ ଖୁସି ଥିବା ମତ ପ୍ରକାଶ କରିଛନ୍ତି। ତେବେ ରାଜ୍ୟ ସଭାପତି ମନମୋହନ ସାମଲ ଖୁବ୍‌କମ୍ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଚଳିତ ନିର୍ବାଚନର ବିଜୟ ଧାରାକୁ ବଜାୟ ରଖିବାକୁ ଯାଇ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ଚେଷ୍ଟା କରାଯିବ ବୋଲି କହିଛନ୍ତି ଡାକ୍ତର ସାହୁ। ସେପଟେ ନିଜ ସହିତ ଦଳର ପରାଜୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ଗଣତନ୍ତ୍ରରେ ଜନମତକୁ ସ୍ୱୀକାର କରିବା ସହ ସମ୍ମାନ ଦେବା ଉଚିତ। ବିଜେଡିର ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳର ସରକାରରେ ବହୁ ଲୋକାଭିମୁଖୀ କାର୍ଯ୍ୟ କରାଯାଇଛି। ଲୋକେ ଏହାଦ୍ୱାରା ଉପକୃତ ମଧ୍ୟ ହୋଇଛନ୍ତି। ତେବେ ଗଣତନ୍ତ୍ର ରାଷ୍ଟ୍ରରେ ଆଣ୍ଟି ଇନକମ୍ବେନ୍ସି ବା ସରକାର ବିରୋଧୀ ହାୱାର ପ୍ରଭାବ ଯେଭଳି କେନ୍ଦ୍ରର ଏନଡିଏ ସରକାର ଉପରେ ପଡିଛି, ସେହିଭଳି ରାଜ୍ୟର ବିଜେଡି ସରକାର ଉପରେ ମଧ୍ୟ ପଡିଛି। ଜନମତକୁ ଗ୍ରହଣ କରିବା ସହ ବିଜେଡି ରାଜ୍ୟରେ ବିରୋଧୀ ଦଳର ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଡାକ୍ତର ଚ୍ୟାଉପଟ୍ଟନାୟକ। ସେପଟେ ନିର୍ବାଚନ ଫଳାଫଳକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି(ପୂର୍ବ) ଦୀପକ ପଟ୍ଟନାୟକ। ଚଳିତ ନିର୍ବାଚନରେ କଂଗ୍ରେସକୁ ମିଳିଥିବା ସମର୍ଥନକୁ ସମ୍ମାନର ସହ ଗ୍ରହଣ କରୁଛୁ। ଜିଲ୍ଲାର ସମସ୍ତ ଭୋଟରଙ୍କୁ କୃତଜ୍ଞତା ଜଣାଇଛନ୍ତି ଜିଲ୍ଲା ସଭାପତି(ପୂର୍ବ) ଦୀପକ ପଟ୍ଟନାୟକ। ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଜାତୀୟ ସ୍ତରୀୟ କୌଣସି ନେତା ପ୍ରଚାରରେ ସାମିଲ ହୋଇ ପାରିନଥିଲେ। ଯାହା ଫଳରେ ଜିଲ୍ଲାରେ ସ୍ଥିତିରେ ସୁଧାର ଆସିପାରି ନାହିଁ। ତେବେ ଗତ ୨୦୧୯ ନିର୍ବାଚନ ଭଳି ସାନଖେମୁଣ୍ଡି ବିଧାନସଭା ଆସନକୁ ବଜାୟ ରଖିବାରେ ଦଳ ସଫଳ ହୋଇଛି। ରାଜ୍ୟରେ ଦଳର ସ୍ଥିତି ପୂର୍ବାପେକ୍ଷା ଅଧିକ ମଜଭୁତ ହୋଇଛି। ସେପଟେ କେନ୍ଦ୍ରରେ ଇଣ୍ଡିଆ ମେଣ୍ଟକୁ ମିଳିଛି ବଡ ସଫଳତା। ଏଣୁ ଆଗାମୀ ଦିନରେ କଂଗ୍ରେସ ପୁଣି ସତ୍ତାକୁ ଫେରିବା ଆଶା ଉଜ୍ଜ୍ୱଳ ବୋଲି ସେ କହିଛନ୍ତି।



● ଅବକାରୀ ଧରପଗଡ଼

## ୫୪୮ କେଜି ଗଞ୍ଜେଇ ଜବତ; ୮ ଗିରଫ

**ବ୍ରହ୍ମପୁର, ୪।୬(ସମିସ):** ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ସହର ଉପକଣ୍ଠରେ ବିଭିନ୍ନ ସ୍ଥାନରେ ଚଢଉ ଓ ନାକାବନ୍ଦୀ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଧରପଗଡ଼ ବେଳେ ମୋଟ ୫୪୮ କେଜି ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨ଟି ଅଟୋ ଏବଂ ୨ଟି ବାଇକ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଛି। ସୂଚନାପ୍ରକାରେ, ଅବକାରୀ ବିଭାଗ କମିଶନର ନରସିଂହ ଭୋଳ ଏବଂ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଅବକାରୀ ବିଭାଗ ଷ୍ଟ୍ରାଇକିଂ ଫୋର୍ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଅତର୍କିତ ଚଢଉ କରାଯାଇଥିଲା। ଫାଷ୍ଟଗେଟ ଠାରେ ବିଭାଗ ପକ୍ଷରୁ ଯାଞ୍ଚ ଚାଲିଥିବାବେଳେ ଏକ ଅଟୋ ମଧ୍ୟରୁ ୧୨୮ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇ ଚାଲାଣ କରୁଥିବା କନ୍ଧମାଳ ଜିଲ୍ଲା ବ୍ରହ୍ମଣୀଗାଁର ପ୍ରସନ୍ନ ମାଝି ଓ ମୁନା ପାଟଯୋଶୀଙ୍କୁ ଗିରଫ କରାଯାଇଥିଲା। ସେହିପରି କନିଷି ସ୍ଥିତ ଏକ ଘରେ ଚଢଉ ବେଳେ ସେଠାରୁ ୩୦୦କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଗଞ୍ଜେଇ ମହଜୁଦ ରଖିବା ଅଭିଯୋଗରେ ବିଭାଗ ପକ୍ଷରୁ ଛେଳିଗଡ଼ ଅଞ୍ଚଳର ପ୍ରଦୀପ ମାଝି(୩୩), ସମସନ ରଇତ(୨୪), ସାମୁଏଲ ରଇତ(୨୦) ଓ ସୁରେନ୍ଦ୍ର ରଇତ(୨୦)ଙ୍କୁ ଗିରଫ କରାଯାଇଥିଲା। ଉକ୍ତ ଘରୁ ୨ଟି ବାଇକକୁ ମଧ୍ୟ ଜବତ କରାଯାଇଥିଲା। ସେହିପରି ଭାଲିଆଗଡ଼ ଛକରୁ ଏକ ଅଟୋ ମଧ୍ୟରୁ ୧୨୦କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ ଚାଲାଣ ଅଭିଯୋଗରେ ଗଜପତି ଜିଲ୍ଲା ଆର. ଉଦୟଗିରି ଅଞ୍ଚଳର ୨ଜଣ ଅଭିଯୁକ୍ତ ହେମନ୍ତ ରଇତ ଓ ସଚିନିଧି ବର୍ଦ୍ଧନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ କନ୍ଧମାଳ ଓ ଗଜପତି ଜିଲ୍ଲାରୁ ଗଞ୍ଜେଇ ଆଣି ବିଭିନ୍ନ ସ୍ଥାନକୁ ଚାଲାଣ ପାଇଁ ଯୋଜନା କରିଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି।

## ୪୦ କେଜି ଗଞ୍ଜେଇ ଜବତ; ୫ ଗିରଫ



**ବ୍ରହ୍ମପୁର, ୪।୬(ସମିସ):** ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଧରାକୋଟ ନିକଟ ଡଉଗାଁ ଛକରୁ ଏକ ବଲେରୋରୁ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ମାମଲାରେ ୫ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲାର ଦୁଷ୍ମନ୍ତ ନାୟକ(୩୨), ପ୍ରଶାନ୍ତ ଦିଗାଲ(୩୨), ସୁନିଲ ପ୍ରଧାନ(୨୩), ଭୀମସେନ ପ୍ରଧାନ(୩୨) ଓ ସବିକାନ୍ତ ପ୍ରଧାନ(୨୦)। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। କନ୍ଧମାଳ ଜିଲ୍ଲାରୁ ଏକ ବଲେରୋ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ଆସିକା ନିକଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ କରାଯାଇଥିଲା। ଧରାକୋଟ ଡଉଗାଁ ନିକଟରେ ଏକ ବଲେରୋକୁ ସନ୍ଦେହରେ ଅଟକାଇ ଯାଞ୍ଚ ବେଳେ ତା' ଭିତରୁ ୨ଟି ବସ୍ତାରେ ୪୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଗିରଫ ପରେ ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ହୃଦ୍‌ଘାତରେ ସବ୍‌ଇନ୍ସପେକ୍ଟରଙ୍କ ମୃତ୍ୟୁ

**କାଶୀନଗର, ୪।୬(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନାରେ କାର୍ଯ୍ୟରତ ସବଇନ୍ସପେକ୍ଟର ରବୀନ୍ଦ୍ର କୁମାର ପ୍ରଧାନଙ୍କ ମଙ୍ଗଳବାର ସକାଳେ ହୃଦଘାତରେ ପରଲୋକ ହୋଇଥିବା ଜଣାପଡ଼ିଛି। ସେ କାଶୀନଗର ଥାନାରେ ୫ମାସ ପୂର୍ବେ ଯୋଗ ଦେଇଥିଲେ। ହଠାତ୍ ତାଙ୍କର ପରଲୋକ ହୋଇଥିବାରୁ କାଶୀନଗର ଥାନା ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି। ମୃତ୍ୟୁ ବେଳେ ଧର୍ମପତ୍ନୀ ଓ ସାନ ପୁଅ ରହିଥିଲେ। ତାଙ୍କ ବଡ ପୁଅ ବ୍ରହ୍ମପୁରରେ ପାଠ ପଢୁଥିବା ଜଣାପଡ଼ିଛି। ତାଙ୍କର ପରଲୋକ ଖବର ପାଇଁ ଡିଏସପି ଆଲୋକ ରାୟ, ଏସଡିପିଓ ମାଧବନନ୍ଦ ନାୟକ, ରିଜର୍ଭ ଆଇଆଇସି ପ୍ରଶାନ୍ତ ନିଷିକା, ପୂର୍ବତନ କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼, ବର୍ତ୍ତମାନ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଏସଆଇ ସବିତା ମହାନ୍ତି, ଏଏସଆଇ ମନୋଜ୍ ପାଢ଼ୀ, ସୀମାଞ୍ଚଳ ସେଠୀ ଶେଷ ଦର୍ଶନ କରିଥିଲେ। ପରେ ପାରଳାଖେମୁଣ୍ଡି ସ୍ଥିତ ରିଜର୍ଭ କାର୍ଯ୍ୟାଳୟରେ ଏସିପି ସ୍ୱାତୀ ଏସ କୁମାର ମୃତ ରବୀନ୍ଦ୍ରଙ୍କୁ ପୁଲିସ ଗାର୍ଡ ଅଫ୍ ଅନର ଦେଇ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯିବ ବୋଲି ତାଙ୍କ ପରିବାର ବର୍ଗ ପ୍ରକାଶ କରିଛନ୍ତି।



# ବିଶୋଧନ ହେଉନି ଏମ୍‌କେସିଜି ମେଡିକାଲ୍ ସୁପରସ୍ପେଶାଲିଟି କୋଠାର ବର୍ଜ୍ୟଜଳ







● ଅଚଳ ପଡ଼ିଛି 'ଇଟିପି' ଏବଂ 'ଏସ୍‌ଟିପି' ପ୍ଲାଣ୍ଟ

● ନାଳରେ ମିଶୁଛି 'ଓଟି ଏବଂ ଡାଏଲିସିସ' ବିଭାଗର ବର୍ଜ୍ୟଜଳ

**ବ୍ରହ୍ମପୁର, ୪।୬(ସମିସ)**

ଏମକେସିଜି ମେଡିକାଲର ସୁପରସ୍ପେଶାଲିଟି ବା ପିଏମଏସଏସୱାଇ କୋଠାରୁ ବାହାରୁଥିବା ବର୍ଜ୍ୟଜଳ ସିଧାସଳଖ ବାହାନା ନାଳରେ ମିଶୁଛି। ସେହି ନାଳର ପାଣିକୁ ଶହ ଶହ ଜୀବଜନ୍ତୁ ବ୍ୟବହାର କରୁଥିବା ବେଳେ ତାହା ପରୋକ୍ଷରେ ଲୋକଙ୍କ ସଂସ୍ପର୍ଷରେ ମଧ୍ୟ ଆସୁଛି। ଯାହା ଉଭୟ ମନୁଷ୍ୟ ଓ ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଡାକ୍ତରଖାନାର ସୁପରସ୍ପେଶାଲିଟି କୋଠା ପାଇଁ ଉଦ୍ଦିଷ୍ଟ ଥିବା ଉଭୟ 'ଇଟିପି' ଏବଂ 'ଏସଟିପି' ପ୍ଲାଣ୍ଟର ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଯାହା ସହରବାସୀଙ୍କ ପାଇଁ ଏକ ବଡ଼ ବିପଦ ଆଣିପାରେ ବୋଲି ଆଶଙ୍କା କରାଯାଉଛି। ଏହିପରି ଭାବେ ସହରର ବିଭିନ୍ନ ଅଞ୍ଚଳ ଦେଇ ଡାକ୍ତରଖାନାରୁ ବାହାରୁଥିବା ଦୂଷିତ ବର୍ଜ୍ୟଜଳ ବାହାରେ ଖୋଲା ନାଳରେ ପ୍ରବାହିତ ହେଉଛି। ଆଉ ସେହି ଅଞ୍ଚଳ ଗୁଡ଼ିକରେ ଦୁର୍ଗନ୍ଧ ସୃଷ୍ଟି ହେବା ସହ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇଛି। ଡାକ୍ତରଖାନାରୁ ବାହାରୁଥିବା ଜଳ ବିଶୋଧନ ହେବା ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ସହ ମାର୍ଗଦର୍ଶିକା ରହିଥିଲେ ହେଁ ଏମକେସିଜିରେ ତାହାର ଖୋଲାଖୋଲି ଉଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଏହି ପ୍ଲାଣ୍ଟର ପରିଚାଳନା ଦାୟିତ୍ୱ ବାହାର ରାଜ୍ୟର ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ଏହି ବାବଦରେ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାକୁ ବାର୍ଷିକ ଲକ୍ଷାଧିକ ଟଙ୍କା ପ୍ରଦାନ କରୁଛନ୍ତି। ତେବେ ଏହାର କୌଣସି ସୁଫଳ ମିଳୁନଥିବା ଦେଖିବାକୁ ମିଳିଛି। ଏମକେସିଜି ମେଡିକାଲର ବିଭିନ୍ନ ବିଭାଗ ଓ କୋଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ମଳ, ମୂତ୍ର, ହାତଧୁଆ ପାଣି, ଅସ୍ତ୍ରୋପଚାର ଗୃହରୁ ବାହାରୁଥିବା ବର୍ଜ୍ୟଜଳ ସହିତ କର୍ମଚାରୀଙ୍କ ବ୍ୟବହାର ଜନିତ ବାହାରୁଥିବା ବର୍ଜ୍ୟଜଳକୁ ସିଧାସଳଖ ନାଳରେ ନଛାଡି ତାହାକୁ ଏସଟିପି ଏବଂ ଇଟିପି ପ୍ଲାଣ୍ଟରେ ବିଶୋଧନ କରିବାର ନିୟମ ରହିଛି। ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟଜଳକୁ ସିଧାସଳଖ ବାହାରର ନାଳକୁ ସିଧାସଳଖ ସଂଯୋଗ କରାଯାଏ ତେବେ ତାହା ଉଭୟ ମନୁଷ୍ୟ ଓ ପଶୁପକ୍ଷୀଙ୍କୁ ସଂକ୍ରମଣ କରିବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିକ୍ରମରେ ଏମକେସିଜିର ସୁପରସ୍ପେଶାଲିଟି କୋଠା ପାଇଁ ସ୍ୱତନ୍ତ୍ର ଭାବେ ଏସଟିପି(ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ) ଏବଂ ଇଟିପି(ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ) ସ୍ଥାପନ କରାଯାଇଛି। ଏହି କୋଠାରେ ୧୦ରୁ ଅଧିକ ସୁପରସ୍ପେଶାଲିଟି ବିଭାଗ ରହିଥିବା ବେଳେ ଏହାର ଇନଡୋରେ ଶତାଧିକ ରୋଗୀ ଚିକିତ୍ସିତ ହେଉଛନ୍ତି।

ସେହିକ୍ରମରେ ଏହି କୋଠାରୁ ପ୍ରତ୍ୟେକ ଦିନ ଶହ ଶହ ଲିଟର ବର୍ଜ୍ୟଜଳ ବାହାରୁଛି। ହେଲେ ସେହି ଜଳକୁ ଇଟିପି ଏବଂ ଏସଟିପି ପ୍ଲାଣ୍ଟକୁ ଯାଉଥିଲେ ହେଁ ତାହା ଅଚଳ ପଡ଼ିଥିବାରୁ ସେଥିରେ ବର୍ଜ୍ୟଜଳ ବିଶୋଧନ ହୋଇପାରୁ ନାହିଁ। ବର୍ଜ୍ୟଜଳ ପୃଥକ ଭାବେ ନିର୍ଦ୍ଧାରିତ କୁଣ୍ଡରେ ଯାଇ ପଡୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାକୁ ମୋଟର ଜରିଆରେ ପ୍ଲାଣ୍ଟକୁ ଉଠାଯାଇ ପାରୁନାହିଁ। କିଛି ଦିନ ଉକ୍ତ କୁଣ୍ଡରେ ରହି ଭର୍ତ୍ତି ହେବାପରେ ତାହାକୁ ସିଧାସଳଖ ପଛପଟେ ଥିବା ବାହାନାନାଳକୁ ଛାଡି ଦିଆଯାଉଥିବା ଦେଖିବାକୁ ମିଳିଛି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଦୀପକ ସାହୁଙ୍କୁ ପଚାରିବାକୁ ସେ କହିଛନ୍ତି ଏଭଳି ଅଭିଯୋଗ ପାଇବା ପରେ ଏକ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ଯାଞ୍ଚ କରିଥିଲା। ଅଚଳ ଥିବା ଉଭୟ ଇଟିପି ଏବଂ ଏସଟିପି ପ୍ଲାଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଥିଲା। ଏବଂ ସୁପରସ୍ପେଶାଲିଟି କୋଠାରୁ ନିର୍ଗତ ହେଉଥିବା ବର୍ଜ୍ୟଜଳକୁ ସିଧାସଳଖ ବାହାନା ନାଳରେ ନଛାଡ଼ିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିବା ଶ୍ରୀସାହୁ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ; ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି, ୪।୬(ସମିସ)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ମଙ୍ଗଳବାର ଭୋର ପ୍ରାୟ ୪ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କ ବେକକୁ ବ୍ଲେଡରେ କାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଭୀଷ୍ମଗିରି ଗ୍ରାମର ଏମ.ପଞ୍ଚୁ ପାତ୍ରଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ମାମଲା ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି। ମଙ୍ଗଳବାର ଭୋର ପ୍ରାୟ ୪ଟାରେ ଭୀଷ୍ମଗିରି ଗ୍ରାମର ଏମ.ମୂଷା ପାତ୍ର ତାଙ୍କ ଘର ବାରଣ୍ଡାରେ ଶୋଇଥିବାବେଳେ ଅଭିଯୁକ୍ତ ପଞ୍ଚୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ବ୍ଲେଡରେ ତାଙ୍କ ବେକକୁ କାଟି ଦେବା ପାଇଁ ଉଦ୍ୟମ କରିଥିଲେ। ତେବେ ମୂଷା ନିଦରୁ ଉଠି ପଡ଼ିବାରୁ ଉଭୟଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା। ପରେ ପଞ୍ଚୁ ଏକ ଧାରୁଆ ବ୍ଲେଡରେ ମୂଷାଙ୍କ ବାମ ଗୋଡର ପାଦକୁ କାଟି ଦେଇ ଫେରାର ହୋଇଯାଇଥିଲେ। ମୂଷାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ପୁଅ ଏମ.ରମେଶ ପାତ୍ର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଥାନା ଆଇଆଇସି ବାବା ଶଙ୍କର ସରାଫ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ସଦଳବଳେ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରି ତାଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିଲେ।

## ସାବିତ୍ରୀ ପାଇଁ ଜମୁଛି ପଣସ ବେପାର

**ବୁଗୁଡ଼ା, ୪।୬(ସମିସ):** ସାବିତ୍ରୀ ଅମାବାସ୍ୟା ପାଇଁ ବୁଗୁଡ଼ା ବଜାର ଏବେ ଚଳଚଞ୍ଚଳ। ସ୍ଥାନେ ସ୍ଥାନେ ନାନାଦି ଫଳମୂଳର ପସରା ମେଲିଛି। ସାବିତ୍ରୀ ବ୍ରତ ପାଇଁ ଆବଶ୍ୟକ ଫଳମୂଳ ମଧ୍ୟରୁ ପଣସ ଅନ୍ୟତମ। ତେଣୁ ବେଶ୍ ଦି ପଇସା ରୋଜଗାର ପାଇଁ କିଛି ବ୍ୟବସାୟୀ ଗ୍ରାମାଞ୍ଚଳରୁ ପଣସ ଆଣି ବିକ୍ରିରେ ଲାଗିଛନ୍ତି। ଏ ବର୍ଷ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣରେ ପଣସ ଫଳି ଥିବାରୁ କାଦୁଆ ପଣସର ଦାମ ଆକାର ଅନୁଯାୟୀ ୫୦ ଟଙ୍କାରୁ ଆରମ୍ଭ ହୋଇ ଅତି ବେଶୀରେ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବାବେଳେ ଖଜରା ପଣସ ଦର ୧୦୦ ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କାରେ ବିକ୍ରି ହେଉଛି। ପଣସର ଆକାର ଯେତେ ବଡ଼ ଦର ସେତେ ଅଧିକ ହୋଇଥିଲା ବେଳେ ଗୋଟା ସାଙ୍ଗକୁ କଟା ପଣସର ବିକ୍ରି ମଧ୍ୟ ବେଶ୍ ଜମୁଛି। ଏ ବର୍ଷ ଫଳ ବେପାର ଭଲ ହେଉଛି ବୋଲି ବ୍ୟବସାୟୀମାନେ କହୁଛନ୍ତି। ଏହି ଅବସରରେ ସାବିତ୍ରୀ ବ୍ରତକୁ ଯଥାରୀତି ପାଳନ କରିବା ପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲିକ୍ଷିତ ହୋଇଛି। ବଜାରରେ ମଧ୍ୟ ବ୍ରତ ପାଇଁ ଆବଶ୍ୟକ ନାନାଦି ସାମଗ୍ରୀ ଉପଲବ୍ଧ ହେଉଛି। ସାନ ହେଉକି ବଡ, ତାଳ ଗୋଟା ୧୦ ଟଙ୍କାରେ ବିକ୍ରି ହେଉଛି। ବିଶେଷ କରି ରାସ୍ତାକଡରେ ସ୍ଥାନେ ସ୍ଥାନେ ନାନା ରକମର ଫଳମୂଳର ଅସ୍ଥାୟୀ ପସରା ପଡ଼ିଛି। ସେ ସବୁର ମୂଲ୍ୟ ଚଳନୀୟ ଥିବାରୁ ଲୋକେ ଖୁସିରେ କିଣାକିଣି କରୁଥିବା ଦେଖିବାକୁ ମିଳିଛି।



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଛତ୍ରପୁର, ୪।୬(ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ବରଙ୍ଗ କଇଁଫୁଲିଆ ବନ୍ଧ ନିକଟରେ ଥିବା ଖଜୁରୀ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ବରଙ୍ଗ ଗ୍ରାମର ସୁରେନ୍ଦ୍ର ତରେଇ (୪୭)। ତେବେ ସୁରେନ୍ଦ୍ରଙ୍କୁ କିଏ ମାରିକି ଖଜୁରୀ ଗଛରେ ଝୁଲାଇଛି ନା ସେ ନିଜ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଛନ୍ତି ତାହା ପୁଲିସର ତଦନ୍ତ ପରେ ଜଣାପଡ଼ିବ। ଅନ୍ୟପଟେ ଖଜୁରୀ ଗଛ ନିକଟରେ ମୃତ ସୁରେନ୍ଦ୍ରଙ୍କ ବାଇକ ସହ ପ୍ୟାଣ୍ଟ, ସାର୍ଟ ଏବଂ ହେଲମେଟ ରହିଛି। ସୁରେନ୍ଦ୍ର ଏକ ଲାଲ ଗାମୁଛା ପିନ୍ଧିଥିବାବେଳେ ରସି ଦ୍ୱାରା ଗଛରେ ଝୁଲୁଥିବା ଦେଖିବାକୁ ମିଳିଛି।

## ଟ୍ରକ୍ ଧକ୍କାରେ କାର୍ ଚୂର୍‌ମାର୍; ୨ ମୃତ



**ଖଲ୍ଲିକୋଟ, ୪।୬(ସମିସ):** ଗଞ୍ଜାମ-ଖୋର୍ଦ୍ଧା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ନାରାୟଣୀ ଛକରୁ କିଛି ଦୂରରେ ଥିବା ଜଳି ଶଙ୍ଖ ନିକଟରେ ମଙ୍ଗଳବାର ସକାଳୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ମାଇନ୍ସ ବୋଝେଇ ଟ୍ରକ ଧକ୍କାରେ କାର୍ ଚୁର୍‌ମାର୍ ହୋଇ ଯାଇଥିବାବେଳେ ଘଟଣାସ୍ଥଳରେ ୨ ଜଣଙ୍କ ମତ୍ୟୁ ଘଟିଛି। ମଙ୍ଗଳବାର ଭୋର ସାଢ଼େ ୪ଟାରେ ଭୁବନେଶ୍ୱରରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ଏକ କାର୍ ପଛକୁ ହଠାତ ଜଳି ଶଙ୍ଖ ନିକଟରେ ଏକ ମାଇନ୍ସ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଉକ୍ତ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ କାର ଭିତରେ ଚାପି ହୋଇ ଡ୍ରାଇଭର ଓ କାର ମାଲିକଙ୍କ ମୃତ୍ୟୁ ଘଟିଛି। ଖବର ପାଇ ନାଭାଲ ଫାଣ୍ଡି ଅଧିକାରୀ ଆର ଏନ ଗୌଡ଼ ଓ ଅଗ୍ନିଶମବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କାରକୁ କାଟି ତା' ଭିତରୁ ଦୁଇ ମୃତଦେହ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା ମାଇନ୍ସ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଥିବା ବେଳେ ଦୁଇ ମୃତକଙ୍କ ପରିଚୟ ମିଳିଛି। ସେମାନେ ହେଲେ ଭଞ୍ଜନଗର ବେଲଗୁଣ୍ଠା ଅଞ୍ଚଳର ମନୋରଞ୍ଜନ ପାଣିଗ୍ରାହୀ ଓ ବିଦ୍ୟାଧର ବେହେରା ବୋଲି ଫାଣ୍ଡି ଅଧିକାରୀ ଆରଏନ୍ ଗୌଡ଼ ସୂଚନା ଦେଇଛନ୍ତି। ପୁଲିସ ଦୁଇ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଛତ୍ରପୁର, ୪।୬(ସମିସ):** ଗଞ୍ଜାମ ଅଲାରିଗଡ଼ସ୍ଥିତ ଗ୍ରାମୀଣ ଉଦ୍ୟୋଗୀ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ପାଲାଡିଅମର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଆଇଟିଆଇ ପରିସରରେ ଚାଲିଥିବା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ମେ ମାସ ୪ ତାରିଖରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସରକାରୀ ଆଇଟିଆଇ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଯୋଗଦେଇ ନିଜେ କିପରି ଅଧିକରୁ ଅଧିକ ରୋଜଗାରକ୍ଷମ ହୋଇପାରିବେ ସେନେଇ ତାଲିମ ନେଇଥିଲେ। ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରାମୀଣ ଉଦ୍ୟୋଗୀ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ବାବୁଲା ସ୍ୱାଇଁ ଓ ପ୍ରଶିକ୍ଷକ ଡିମ୍ପଲ ସିଂ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଜିଲ୍ଲା ନିଯୋଜନ ଅଧିକାରୀ ପିଏସ୍ ନାୟକ, ସରକାରୀ ଆଇଟିଆଇର ପ୍ରିନ୍ସିପାଲ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ତାଲିମ ଶିବିରକୁ ପ୍ରଶଂସା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସୁକାନ୍ତ ପଣ୍ଡା ପରିଚାଳନା କରିଥିବା ବେଳେ ଅନିଲ କୁମାର ତାରିଣୀଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

## ଫୁଲବାଣୀ: ବିଜେପି ପ୍ରାର୍ଥୀ ଉମା ଚରଣ ମଲ୍ଲିକ ବିଜୟୀ

**ଫୁଲବାଣୀ, ୪।୬(ସମିସ)**



ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ୨୦୨୪ର ଭୋଗ ଗଣତି ଶାନ୍ତିଶୃଙ୍ଖଳାର ସହିତ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଦୀର୍ଘ ଦିନ ଧରି ଫୁଲବାଣୀ ନିର୍ବାଚନମଣ୍ଡଳୀର ୯ଜଣ ପାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇ ରହିଥିବା ବେଳେ ଆଜି ତାହା ଖୋଲାଯାଇଥିଲା। ଭୋଟ ଗଣତି ପରେ ବିଜେପି ପାର୍ଥୀ ଉମା ଚରଣ ମଲିକ ୫୩ ହଜାର ୧୮୭ ଭୋଟ ସହିତ ପୋଷ୍ଟାଲ ବ୍ୟାଲାଟ୍ ମାଧ୍ୟମରେ ୭୧୩ ଭୋଟ ପାଇଛନ୍ତି। ସେ ସର୍ବମୋଟ ୫୩ ହଜାର ୯୦୦ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଜୟଶ୍ରୀ କହଁରଙ୍କୁ ପରାସ୍ତ କରିଛନ୍ତି। ଜୟଶ୍ରୀ ୫୦ ହଜାର ୭୬୭ ଭୋଟ ସହିତ ୨୭୫ ଟି ବ୍ୟାଲେଟ୍ ଭୋଟ ପାଇଛନ୍ତି। ସେ ସର୍ବମୋଟ ୫୧ ହଜାର ୪୨ ଖଣ୍ଡ ଭୋଟ ପାଇଛନ୍ତି। ଶେଷ ଫଳାଫଳ ପ୍ରକାରେ ବିଜେପି ପାର୍ଥୀ ଉମାଚରଣ ମଲିକ ତାଙ୍କର ନିକଟତମ ପ୍ରତଦ୍ୱନ୍ଦୀ ବିଜୁ ଜନତା ଦଳର ପାର୍ଥୀ ଜୟଶ୍ରୀ କହଁର ଠାରୁ ଅଧିକା ୨୮୫୮ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ଫୁଲବାଣୀ ନିର୍ବାଚନମଣ୍ଡଳୀରେ ପ୍ରଥମ ଥର ପାଇଁ ବିଜେପି ପାର୍ଥୀ ବିଜୟ ହୋଇଥିବା ବେଳେ ବିଜେପି ଦଳରେ ଖୁସିର ଲହରି ଖେଳିଯାଇଛି। ବିଜେପି ପାର୍ଥୀ ଶ୍ରୀ ମଲିକ ବିଜୟ ପରେ ସେ ତୁରନ୍ତ ବିଭିନ୍ନ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହିତ ବହୁ ଦଳୀୟ ନେତା ଓ କର୍ମୀଙ୍କୁ ଭେଟିଥିଲେ। ସେହିଭଳି ବହୁ ଦଳୀୟ ନେତା ଓ କର୍ମୀ ମଧ୍ୟ ଶ୍ରୀ ମଲିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି କଂଗ୍ରେସ ପାର୍ଥୀ ପ୍ରତିଭା କହଁର ୨୩ ହଜାର ୩୨୮ ଭୋଟ ପାଇ ତୃତୀୟ ସ୍ଥାନରେ ଥିବା ବେଳେ ସମାଜବାଦ ପାର୍ଟିର ଦେବେନ୍ଦ୍ର କହଁର ୧୧ ହଜାର ୮୯୬, ବହୁଜନ ସମାଜପାର୍ଟିର ଦିପାଞ୍ଜଳୀ କହଁର ୧୦୪୪, ସ୍ୱାଧୀନ ପ୍ରାର୍ଥୀ ହିମାଶୁ କହଁର ୮୭୫, ସୁଧାଂଶୁ କୁମାର କହଁର ୯୯୮ ଏବଂ ଟିକେଶ୍ୱର କହଁର ୬୨୫ ଭୋଟ ପାଇଥିବା ବେଳେ ମାନସ ଲୋକଶକ୍ତି ଦଳର ପାର୍ଥୀ ବିଶ୍ୱମ୍ବର କହଁର ୮୪୫ ଖଣ୍ଡ ଭୋଟ ପାଇଛନ୍ତି। ଫୁଲବାଣୀ ନିର୍ବାଚନମଣ୍ଡଳୀରେ ମୋଟ ୧୯୯୪ ଜଣ ନୋଟାରେ ଭୋଟ ଦେଇଥିବାର ଜଣାଯାଇଛି। ସ୍ଥାନୀୟ ପଲିଟେକନୋଲୋଜି କଲେଜରେ ଭୋଟ ଗଣତି ହୋଇଥିବା ବେଳେ ଏଥିରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତି ଭୋଟ ଗଣତିରେ ଫୁଲବାଣୀ ନିର୍ବାଚନମଣ୍ଡଳୀର ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଚିତ୍ତ ରଞ୍ଜନ ମହନ୍ତଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ସାମିଲ୍ ହୋଇଥିଲେ।

ପ୍ରାୟ ୩୦୦ ଜଣ କର୍ମଚାରୀ ଏଥିରେ ନିୟୋଜିତ ହୋଇଥିବା ବେଳେ ୧୨୨ ଜଣ ଭୋଟ ଗଣତି ପ୍ରକ୍ରିୟାରେ ଏବଂ ଅନ୍ୟମାନେ ଆନୁଷଙ୍ଗିକ କାର୍ଯ୍ୟରେ ସାମିଲ୍ ହୋଇଥିଲେ। ଫୁଲବାଣୀ ବିଧାନସଭା ଆସନ ପାଇଁ ୧୦ ଓ ଲୋକସଭା ଆସନ ପାଇଁ ୧୦ ଟେବୁଲରେ ଗଣତି କରାଯାଇଥିବା ବେଳେ ଫୁଲବାଣୀର ୨୩୦ ବୁଥ୍ ପାଇଁ ୨୩ ରାଉଣ୍ଡ ଗଣତି ହୋଇଥିଲା ଏବଂ ପୋଷ୍ଟାଲ୍ ବ୍ୟାଲାଟ ପାଇଁ ୧୦ଟି ଟେବୁଲ୍ ରହିଥିଲା।

# ବାଲିଗୁଡ଼ାରୁ ଜିତିଲେ ଚକ୍ରମଣି କହଁର

**ଫୁଲବାଣୀ/ବାଲିଗୁଡା, ୪।୬(ସମିସ):** ବାଲିଗୁଡାରୁ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଚକ୍ରମଣି କହଁର ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର ଉପେନ୍ଦ୍ର ପ୍ରଧାନଙ୍କ ଠାରୁ ୧୬୦୦ଭୋଟ ବ୍ୟବଧାନରେ ଜିତିଛନ୍ତି। ଚକ୍ରମଣି କହଁର ସମୁଦାୟ ଭୋଟ ୪୩୧୦୧ ପାଇଥିବା ବେଳେ କଂଗ୍ରେସ ପାର୍ଥୀ ଉପେନ୍ଦ୍ର ପ୍ରଧାନ ୪୧୫୦୧ଭୋଟ ପାଇଛନ୍ତି, ବିଜେପିର କଳ୍ପନା କହଁର ୩୦୮୦୩ ଭୋଟ ପାଇଛନ୍ତି। ମାନସ ଲୋକଶକ୍ତି ଦଳ ପ୍ରାର୍ଥୀ ଅଜୟ କୁମାର ମଳିକ୧୦୦୮ ଓ ନ୍ୟାସନାଲ ଅପନା ପାର୍ଟିର ଜୟସିଙ୍ଗ ମଳିକ ୮୬୩ ଭୋଟପାଇଥିବା ବେଳେ ନୋଟାକୁ ୨୬୦୬ ଭୋଟ ଯାଇଛି। ଗଣତି ସମୟରେ ୧୦ଟି ଟେବୁଲ ହୋଇଥିଲା ଓ ୧୮ଟି ରାଉଣ୍ଡରେ ଗଣତି ହୋଇଥିଲା। ଗଣତି ହୋଇ ନାମ ଘୋଷଣା ପରେ ବିଜେଡି ଦଳିୟ କର୍ମୀ ମହଲରେ ଉତ୍ସାହ ଦେଖା ଦେଇଥିଲା।

କନ୍ଧମାଳ ଲୋକସଭା ଆସନ ବିଜେପି ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ ୪୧୬୪୧୫ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ଠାରୁ ୨୧୩୭୧ ଭୋଟରେ ଆଗୁଆ ରହିଥିବା ଜଣାଯାଇଛି।

## ମୋହନାରେ କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗ ବିଜୟୀ

**ପାରଳାଖେମୁଣ୍ଡି, ୪।୬ (ସମିସ):** ଗଜପତି ଜିଲ୍ଲାର ମୋହନା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗ ବିଜୟଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକଙ୍କୁ ୪ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଦାଶରଥି ଗମାଙ୍ଗ ମୋଟ ୬୧୩୨୨ ଭୋଟ ପାଇଥିବା ବେଳେ ବିଜେପି ଦଳର ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ ମୋଟ



୫୬୧୨୫ ଭୋଟ ପାଇଛନ୍ତି। ତୃତୀୟ ସ୍ଥାନରେ ବିଜେଡିର ଅନ୍ତର୍ଯ୍ୟାମୀ ଗମାଙ୍ଗ ୪୫୮୯୯ ଭୋଟ ପାଇଛନ୍ତି। ମାନସ ଲୋକଶକ୍ତି ଦଳର ପ୍ରାର୍ଥୀ ଯୋହନ ମଲ୍ଲିକ ୮୫, ସ୍ୱାଧୀନ ପ୍ରାର୍ଥୀ ଦଣ୍ଡାସୀ ଖଣ୍ଡୁଆଳ ୨୦୬୩, ମୋଜେସ ଦଳବେହେରା ୧୯୯୪ ଓ ରୂବେନ ମଣ୍ଡଳ ୧୬୩୭ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୪୨୮୮ ଖଣ୍ଡ ଭୋଟ ପଡ଼ିଥିଲା। ସୂଚନା ଯୋଗ୍ୟ ଯେ ମୋହନା (ଅନୁସୂଚୀତ ଜନଜାତି) ବିଧାନସଭାରେ ମୋଟ ମତଦାତା ସଂଖ୍ୟା ୨ଲକ୍ଷ ୪୫ ହଜାର ୯୧୨ରୁ ୧ଲକ୍ଷ ୮୦ ହଜାର ୪୦୯ ଜଣ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ। ପ୍ରଥମେ ପୋଷ୍ଟାଲ ବ୍ୟାଲେଟ୍ ଗୁଡ଼ିକୁ ଗଣତି ହେବା ପରେ ପ୍ରତି ରାଉଣ୍ଡର ୧୦ ଟେବୁଲରେ ଇଭିଏମ୍ ର ମତଗଣନା ହୋଇଥିଲା। ୨୭୬ ବୁଥ୍ ର ମୋଟ ୨୮ ରାଉଣ୍ଡରେ ଗଣତି ହୋଇଥିଲା। ବ୍ରହ୍ମପୁର ଲୋକସଭା ଆଧିନରେ ଥିବା ଗଜପତି ଜିଲ୍ଲାର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ମତଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ଏ ବିଜୟ ସାରା ଜୟପୁରବାସୀଙ୍କର : ତାରା

## କଂଗ୍ରେସ କର୍ମୀଙ୍କ ମଧ୍ୟରେ ଖୁସିର ମାହୋଲ

**ଜୟପୁର,୪।୬(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଅଣ ସଂରକ୍ଷିତ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତିଙ୍କ ବିଜୟ ପରେ କର୍ମୀ ସମର୍ଥକମାନଙ୍କ ମଧ୍ୟରେ ଖୁସିର ମହଲ ଖେଳିଯାଇଛି। ସମର୍ଥକ ଓ କଂଗ୍ରେସ କର୍ମୀମାନେ ସାଧାରଣ ଜନତାଙ୍କ ସମେତ ରାସ୍ତାରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଅବସରରେ କଂଗ୍ରେସର ବିଜୟୀ ବିଧାୟକ ପ୍ରାର୍ଥୀ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ଏହି ବିଜୟ ତାଙ୍କର ନୁହେଁ ଜୟପୁର ନିର୍ବାଚନମଣ୍ଡଳୀର ସମସ୍ତ ଯୁବକ, ମହିଳା ଏବଂ ସାଧରଣ ଜନତାଙ୍କ



ବିଜୟ। ତାଙ୍କ ଏକମାତ୍ର ଡକରା ଥିଲା ଜୟପୁର ନିର୍ବାଚନମଣ୍ଡଳୀରେ ଶାନ୍ତି, ମୈତ୍ରୀ ଏବଂ ବିକାଶ। ଏହି ସ୍ଲୋଗାନକୁ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଜନସାଧାରଣ ଗ୍ରହଣ କରିବା ସହିତ ତାଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିଛନ୍ତି। ତେଣୁ ଆଗାମୀ ଦିନରେ ଜୟପୁର ସହରରେ ଶାନ୍ତି ବଜାୟ ରହିବା ସହିତ ବିକାଶ ଓ ଉନ୍ନତୀକରଣ କାର୍ଯ୍ୟ ବୃଦ୍ଧି ପାଇବ ବୋଲି କହିଛନ୍ତି।

## ଜି ଉଦୟଗିରି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ବିଜୟୀ

**ଜି.ଉଦୟଗିରି, ୪।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ୮୩ ନମ୍ବର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ମାନନଗୋବିନ୍ଦ ପ୍ରଧାନଙ୍କ ଠାରୁ ୭୮୫୭ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ୫୩୫୩୦ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୪୫୬୭୬ ଭୋଟ ପାଇଛନ୍ତି। ବିଜୁ ଜନତା ଦଳର ପ୍ରାର୍ଥୀ ସାଲୁଗା ପ୍ରଧାନ ୩୯୯୬୭ଟି ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସୂଚନା ଅନୁଯାୟୀ ଏହି ଆସନରେ ସମୁଦାୟ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦୀତା କରୁଥିଲେ।

## କଂଗ୍ରେସ ପ୍ରାର୍ଥୀ ତାରା ବାହିନୀପତିଙ୍କ ହ୍ୟାଟ୍ରିକ୍ ବିଜୟ

**ଜୟପୁର,୪।୬(ସମିସ):** ସାଧାରଣ ନିର୍ବାଚନ ଫଳାଫଳ ମଙ୍ଗଳବାର ସନ୍ଧ୍ୟାରେ ଘୋଷଣା କରାଯାଇଛି। ଜୟପୁର ଅଣସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀ ଗଣତିରେ କଂଗ୍ରେସ ପ୍ରାର୍ଥୀ ତଥା ବିଧାୟକ ତାରା ପ୍ରସାଦ ବାହିନୀପତି ବିଜୟୀ ହୋଇ ଲଗାତାର ତୃତୀୟ ଥର ପାଇଁ ନିର୍ବାଚନ ଜିତି ହ୍ୟାଟ୍ରିକ ହାସଲ କରିଛନ୍ତି। ସେହିପରି କୋଟପାଡ଼ ଅନୁସୂଚିତ ଜନଜାତି ସଂରକ୍ଷଣ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ରୂପୁ ଭତ୍ରା ବିଜୟୀ ହୋଇଛନ୍ତି। ଜୟପୁର ନିର୍ବାଚନମଣ୍ଡଳୀରେ ସମୁଦାୟ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ବିଜୟୀ ପ୍ରାର୍ଥୀ କଂଗ୍ରେସର ତାରା ପ୍ରସାଦ ବାହିନୀପତି ୧୨୮୭୭ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ପ୍ରାର୍ଥିନୀ ଡ. ଇନ୍ଦିରା ନନ୍ଦଙ୍କୁ ପରାଜିତ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଶ୍ରୀ ବାହିନୀପତି ସମୁଦାୟ ୬୯ ହଜାର ୭୬୮ଖଣ୍ଡ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥିନୀ ଡ. ନନ୍ଦ ୫୬ହଜାର ୨୯୨ ଖଣ୍ଡ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ଗୌତମ ସାମନ୍ତରାୟ ୩୦ ହଜାର ୯୫୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ପ୍ରୀତିଶ ପଟ୍ଟନାୟକ ୧୦୮୭ ଖଣ୍ଡ, ବିଏସପି ପ୍ରାର୍ଥୀ ସରୋଜ ନାୟକ ୧୦୮୬ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ସୀମାଞ୍ଚଳ ମହାକୁଡ଼ ୧୦୨୧ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ମହେନ୍ଦ୍ର ପାତ୍ର ୮୫୬ ଖଣ୍ଡ, ଆମ୍ ଆଦମୀ ପାର୍ଟିର ଗୌରୀ ଚରଣ ଦେବ ଶର୍ମା ୮୧୬ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ବସନ୍ତ ପାତ୍ର ୬୪୨, ନମିତା ଖରା ୫୫୮, ବି. ହରି ରାଓ ୫୧୪ ଖଣ୍ଡ ଭୋଟ ପାଇଥିଲେ ଏବଂ ନୋଟାରେ ୨୩୬୨ ଖଣ୍ଡ ଭୋଟ ରହିଛି। ସେହିପରି କୋଟପାଡ଼ ବିଧାନସଭାରେ ବିଜୟୀ ବିଧାୟକ ପ୍ରାର୍ଥୀ ଶ୍ରୀ ଭତ୍ରା ନିକଟତମ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀଙ୍କୁ ୨୫ ହଜାର ୮୩୭ ଖଣ୍ଡ ଭୋଟରେ ପରାଜିତ କରିଥିଲେ। ବିଜେପି ପ୍ରାର୍ଥୀ ଶ୍ରୀ ଭତ୍ରା ୭୪ ହଜାର ୩୯୭ ଖଣ୍ଡ ଭୋଟ, ବିଜେଡି ପ୍ରାର୍ଥୀ ଶ୍ରୀ ମାଝି ୪୮ହଜାର ୫୬୦ ଖଣ୍ଡ ଭୋଟ, କଂଗ୍ରେସ ପ୍ରାର୍ଥୀ ଅନାମ୍ରୁ ଦିଆନ ୪୪ ହଜାର ୬୭୩ ଖଣ୍ଡ, ବିଏସ୍‌ପିର ବାସୁ ନାୟକ ୨୨୧୪ ଖଣ୍ଡ, ରିପବ୍ଲିକାନ ପାର୍ଟିର କେତନ ସମରଥ ୨୦୧୪ ଖଣ୍ଡ, ସ୍ୱାଧିନ ପ୍ରାର୍ଥୀ ରାମକୃଷ୍ଣ ପୂଜାରୀ ୧୯୩୪ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୩୨୯୫ ଖଣ୍ଡ ଭୋଟ ଦେଇଛନ୍ତି।

● ଗୁଣୁପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ବିଜୟୀ

# ସତ୍ୟଜିତ୍ ଗମାଙ୍ଗ ବିପୁଳ ଭୋଟରେ ବିଜୟ

**ଗୁଣୁପୁର,୪।୬(ସମିସ):** ଗୁଣୁପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସତ୍ୟଜିତ୍ ଗମାଙ୍ଗ ବିଜେଡିଠାରୁ ୨୯ ହଜାର ୮୮୫ ଭୋଟ ଅଧିକ ପାଇ ବିଜୟ ହାସଲ କରିଛନ୍ତି। ସୂଚନା ଯୋଗ୍ୟ, ବିଜେଡି ୪୭ ହଜାର ୭୫୨ ଖଣ୍ଡ ଭୋଟ୍ ପାଇଥିବାବେଳେ କଂଗ୍ରେସ ୭୭ ହଜାର ୬୩୭ ଖଣ୍ଡ ଭୋଟ ପାଇଛି। ବିଜେପି ୨୧ ହଜାର ୮୦୮ ଭୋଟ ପାଇ ୩ୟ ସ୍ଥାନ ଅଧିକାର କରିଛି। ସତ୍ୟଜିତ୍ ଗମାଙ୍ଗ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ହେଁ ଗୁଣୁପୁର ପୌର ପରିଷଦ ଉପାଧ୍ୟକ୍ଷ ତଥା ସ୍ୱାଧୀନ ନେତା ଶିବ ଗୌଡ଼ଙ୍କ ଆନୁଗତ୍ୟ ଓ ଛତ୍ରଛାୟାରେ ରହି ନିର୍ବାଚନ ମୈଦାନରେ ଓହ୍ଲାଇଥିଲେ। ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଏବଂ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ୍



ଗମାଙ୍ଗଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଲୋଚନା ହେଉଥିଲା କିନ୍ତୁ ତାହା ଭୁଲ ଆକଳନ ବୋଲି ପ୍ରମାଣିତ ହୋଇଗଲା। ଗୁଣୁପୁର ପୌର ପରିଷଦ ନିର୍ବାଚନରେ ରାଜେନ୍ଦ୍ର ପ୍ରସାଦ ସାହୁଙ୍କୁ ବିଜେଡି ନେତା ଭାବେ ଦଳ ପକ୍ଷରୁ ମାନ୍ୟତା ଦେବା ସହ ତାଙ୍କ ପତ୍ନୀ ତଥା ସୁଧୀର ଦାସଙ୍କ ଭଉଣୀ ସଂଯୁକ୍ତା ସାହୁଙ୍କୁ ପୌର ପରିଷଦର ବିଜେଡି ଅଧକ୍ଷ ଟିକଟ ଦେଇ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ସ୍ୱାଧୀନ ପ୍ରାର୍ଥୀ ମମତା ଗୌଡ଼ଙ୍କଠାରୁ ବହୁ ବ୍ୟବଧାନ ଭୋଟରେ ସଂଯୁକ୍ତା ହାରିଯାଇଥିଲେ। ସେହିଦିନଠାରୁ ଗୁଣୁପୁର ପୌର ପରିଷଦରେ ବିଜେଡି ଏକ ପ୍ରକାର ନିଷ୍କ୍ରିୟ ହୋଇଯାଇଥିଲା। କିନ୍ତୁ ସାଧାରଣ ନିର୍ବାଚନରେ ପୁଣି ଥରେ ବିଜେଡି କର୍ମୀମାନେ ଏକତ୍ରିତ ହୋଇ ସକ୍ରିୟ ଭାବେ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା। ଏହି ସବୁ ମଧ୍ୟରେ ସ୍ୱାଧୀନ ନେତା ତଥା ଗୁଣୁପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ଗୌଡ଼ ଏକାକୀ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ୍ ଗମାଙ୍ଗଙ୍କୁ ଧରି ପୂରା ଗୁଣୁପୁର ନିର୍ବାଚନମଣ୍ଡଳୀ ବୁଲି ବୁଲି ସଂଗଠନ କରିବା ସହ ଭୋଟଭିକ୍ଷା ମାଗିଥିଲେ। ଶିବ ଗୌଡ଼ ଏବଂ ସତ୍ୟଜିତଙ୍କ ସହ ହାତଗଣତି କିଛି ସରପଞ୍ଚ ଓ ସମିତିସଭ୍ୟ ରହିଥିଲେ କିନ୍ତୁ କୌଣସି ଆଖିଦୃଶିଆ ନେତା ନ ଥାଇ ମଧ୍ୟ ଏତେ ବ୍ୟବଧାନରେ ବିଜୟ ଲାଭ କରିପାରିଥିବାରୁ ଏହା ଏକାକୀ ଶିବ ଗୌଡ଼ଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ଭରସା ରହିଥିବା ପ୍ରମାଣିତ ହୋଇପାରିଛି।

■ କୋଟପାଡ଼ରେ ବିଜେପି ପ୍ରାର୍ଥୀ ରୂପୁ ଭତ୍ରାଙ୍କ ବିଜୟ

## 'ଏ ବିଜୟ ମୋର ନୁହେଁ; ସାରା କୋଟପାଡ଼ବାସୀଙ୍କର'

**କୋଟପାଡ଼,୪।୬(ସମିସ) :** କୋରାପୁଟ ଜିଲ୍ଲାରେ କୋଟପାଡ଼ ବିଧାନସଭା ଆସନରେ ଏକ ଐତିହାସିକ ପରିବର୍ତ୍ତନ ହୋଇଛି। ବିଜେପି ପ୍ରାର୍ଥୀ ରୂପୁ ଭତ୍ରା ବିପୁଳ ଭୋଟରେ କୋଟପାଡ଼ ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀଙ୍କଠାରୁ ୨୫ ହଜାର ୮୩୭ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ସେ ମୋଟ ୭୪୩୯୭ ଭୋଟ ପାଇଥିଲାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ୪୮୫୬୦ ଖଣ୍ଡ ଭୋଟ ପାଇଥିଲେ। ଏଥିରେ କଂଗ୍ରେସର ବିଧାୟକ ପ୍ରାର୍ଥୀ



ଅନାମ୍ରୁ ଦିଆନ ୪୪୬୭୩ ଖଣ୍ଡ ଭୋଟ ପାଇ ତୃତୀୟରେ ରହିଥିବାବେଳେ ନୋଟାରେ ୩୨୯୪ ଖଣ୍ଡ ଭୋଟ ପଡ଼ିଥିବା ଜଣାପଡ଼ିଛି। ନୋଟାଠାରୁ କମ୍ ଭୋଟ ପାଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ରାମ କୃଷ୍ଣ ପୂଜାରୀ, ଆରପିଆଇ ବିଧାୟକ ପ୍ରାର୍ଥୀ କେତନ ସମରଥ ଓ ବିଏସପି ପ୍ରାର୍ଥୀ ବାସୁ ନାୟକ। ବିଜେପିର ରୂପୁ ଭତ୍ରାଙ୍କ ବିପୁଳ ବିଜୟ ପରେ ବିଜେପି କର୍ମୀଙ୍କ ମହଲରେ ଖୁସିର ମାହୋଲ ଦେଖିବାକୁ ମିଳିଛି। କୋଟପାଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେପିର ବିଜୟୀ ବିଧାୟକ ପ୍ରାର୍ଥୀ ରୂପୁ ଭାତ୍ରା ନିଜ ପ୍ରତିକ୍ରିୟାରେ ଏହା ତାଙ୍କ ପାଇଁ ଏକ ଅଭୂତପୂର୍ବ ସଫଳତା ବୋଲି କହିବା ସହ ଏହି ବିଜୟ ମୋର ନୁହେଁ, ସାରା କୋଟପାଡ଼ ନିର୍ବାଚନମଣ୍ଡଳୀବାସୀଙ୍କର ବୋଲି କହିଛନ୍ତି। ଏଥିସହ ଏହାର ସର୍ବାଙ୍ଗିଣ ଉନ୍ନତି କରିବା ମୋର ପରମ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ମଙ୍ଗଳବାର ଗଣତିକେନ୍ଦ୍ରରେ ହୋଇଥିବା ସର୍ବମୋଟ ୨୫ ରାଉଣ୍ଡର ଗଣତି ମଧ୍ୟରେ ୧୫, ୨୦, ୨୩, ୨୪ ରାଉଣ୍ଡରେ କଂଗ୍ରେସ ଲିଡ୍ କରିଥିବାବେଳେ ଶେଷ ୨୫ତମ ରାଉଣ୍ଡରେ ବିଜେଡି ଅଧିକ ଭୋଟ ପାଇଥିବା ସୂଚନା ମିଳିଛି।

## ୯୪୦୩ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକା ବିଜୟୀ

**ବିଷମ କଟକ,୪।୬(ସମିସ):** ଚଳିତ ସାଧାରଣ ନିର୍ବାଚନର ମଙ୍ଗଳବାର ନିର୍ବାଚନ ଫଳ ପ୍ରକାଶ ପାଇଛି। ବିଷମ କଟକ ନିର୍ବାଚନମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକକା ୯୪୦୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କୁ ପରାଜିତ କରି ବିଜୟ ମୁକୁଟ ପିନ୍ଧିଛନ୍ତି। ଦୀର୍ଘ ୧୦ ବର୍ଷ ହେବେ ଏହି ନିର୍ବାଚନମଣ୍ଡଳୀଟି ବିଜେଡି ହାତରେ ରହିଥିବାବେଳେ ଚଳିତ ଥର କଂଗ୍ରେସ ଏଠାରେ ବିଜୟର ବାନା ଉଡ଼ାଇଛି। ବିଷମ କଟକ ନିର୍ବାଚନମଣ୍ଡଳୀର ୪ଟି ବ୍ଲକରେ ୨୯୩ଟି ବୁଥରେ ମୋଟ ୧ ଲକ୍ଷ ୮୩ ହଜାର ୮୬୭ ଭୋଟ ଗ୍ରହଣ କରାଯାଇଥିଲା। ମଙ୍ଗଳବାର ରାୟଗଡ଼ା ଜିସିଡି ହାଇସ୍କୁଲରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୩୦ ରାଉଣ୍ଡରେ ଭୋଟ ଗଣତି କରାଯାଇଛି। ଏଥିରେ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକା ୬୮ ହଜାର ୪୪୬, ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକା ୫୯ ହଜାର ୪୩, ବିଜେପି ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ୍ରୁକା ୨୫ ହଜାର ୪୮୦, ବହୁଜନ ସମାଜ ପାର୍ଟି ୧୧ ହଜାର ୯୮୨, ନବ ଭାରତ ନିର୍ମାଣ ସେବା ଦଳର ଅନିତା ପିଡିକାକା ୧୮୪୧, ସିପିଆଇଏମର ପ୍ରାସ୍କା ରାମଚନ୍ଦ୍ର ୧୬୫୨, ସ୍ୱାଧୀନ ପ୍ରାର୍ଥୀ ନୀଳମାଧବ ଉଲାକା ୭୫୫୦, ସ୍ୱାଧୀନ ପ୍ରାର୍ଥୀ ରାମାନନ୍ଦ ହୁଇକା ୨୫୨୦ ଭୋଟ୍ ପାଇଥିବାବେଳେ ନୋଟାରେ ୫୨୫୬ ଭୋଟ ପଡ଼ିଛି। କଂଗ୍ରେସର ଏହି ବିଜୟ ବିଷମ କଟକ ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି।

## ସେମିଳିଗୁଡ଼ାରେ ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା



**ସେମିଳିଗୁଡ଼ା,୪।୬(ସମିସ):** କୋରାପୁଟ ଜିଲ୍ଲାର କୋରାପୁଟ ବିଧାନସଭା ଆସନରେ ବିଜେପି ଓ ପଟାଙ୍ଗୀ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟ ପରେ ସେମିଳିଗୁଡ଼ା ସହରରେ ଉଭୟ ପ୍ରାର୍ଥୀ ଓ ତାଙ୍କ ଦଳୀୟ କର୍ମୀମାନେ ସହରରେ ବିଜୟ ଶୋଭାଯାତ୍ରା କରିଛନ୍ତି। ପଟ୍ଟାଙ୍ଗୀ ବିଧାନସଭା ଆସନର ବିଜୟୀ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ଓ କୋରାପୁଟ ବିଧାନସଭା ଆସନର ବିଜୟୀ ବିଜେପି ପ୍ରାର୍ଥୀ ରଘୁରାମ ମାଛଙ୍କୁ ନେଇ ଉଭୟ ଦଳୀୟ ନେତା ଓ କର୍ମୀ ସହରରେ ବିଜୟ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଭେଣ୍ଡିଂ ଜୋନଠାରୁ ଏହି ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ବିଜେପି କର୍ମୀ ନିଜ ଦଳର ବିଜୟ ପାଇଁ ମୋଟର ସାଇକଲ ଶୋଭାଯାତ୍ରା କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମିଠା ବଣ୍ଟନ କରିଥିଲେ। ଶୋଭାଯାତ୍ରା ପାଇଁ ସହରରେ ଉତ୍ସାହର ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**୨୦୨୪ ସାଧାରଣ ନିର୍ବାଚନ**

# ପଟ୍ଟାଙ୍ଗି, ଲକ୍ଷ୍ମୀପୁରରେ କଂଗ୍ରେସ ଓ କୋରାପୁଟରେ ବିଜେପି ପ୍ରାର୍ଥୀ ବିଜୟୀ

**କୋରାପୁଟ,୪।୬(ସମିସ):** ଗତ ମେ' ମାସ ୧୩ ତାରିଖରେ କୋରାପୁଟ ଲୋକସଭା ସମେତ ଜିଲ୍ଲାର ୫ଟି ବିଧାନସଭା ନିମନ୍ତେ ହୋଇଥିବା ମତଦାନର ମଙ୍ଗଳବାର ଗଣତି ହୋଇଛି। କୋରାପୁଟ, ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗି ବିଧାନସଭା ଆସନ ନିମନ୍ତେ ଲାଣ୍ଡିଗୁଡ଼ା ସ୍ଥିତ ସରକାରୀ କଲେଜରେ ଏବଂ ଜୟପୁର, କୋଟପାଡ଼ ବିଧାନସଭା ନିମନ୍ତେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଗଣତି ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ଆୟୋଜନ କରିଥିଲା। ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀମାନେ ବିଜୟୀ ହୋଇଥିବାବେଳେ କୋରାପୁଟ ଆସନରେ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଖବର ଲେଖାହେବା ସୁଦ୍ଧା କୋରାପୁଟ ଲୋକସଭା ଆସନରେ କଂଗ୍ରେସର ସାଂସଦ









ସପ୍ତଗିରି ଉଲ୍ଲାକା ଆଗୁଆ ରହିଥିବା ଜଣାପଡ଼ିଛି। କୋଟପାଡ଼ ଓ ଲକ୍ଷ୍ମୀପୁରରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀମାନେ ବିଜୟୀ ହୋଇଥିବାବେଳେ ଜୟପୁର

● ଦ୍ୱିତୀୟ ଥର ବାଜିମାତ୍ କଲେ କଂଗ୍ରେସର ସପ୍ତଗିରି ଉଲ୍ଲାକା

ବିଧାନସଭା ଓ କୋରାପୁଟ ଲୋକସଭା ଆସନରେ କଂଗ୍ରେସ ଦଳର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେବେ ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟି କୋରାପୁଟ ଜିଲ୍ଲାରେ ପ୍ରଥମ ଥର ଲାଗି ଖାତା ଖୋଲିବାରେ ସଫଳ ହୋଇଛି। କୋରାପୁଟ ଲୋକସଭା ଆସନରେ ମୋଟ ୧୧ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ମୁଖ୍ୟତଃ କଂଗ୍ରେସ ଓ ବିଜୁ ଜନତା ଦଳ ମଧ୍ୟରେ ଲଢ଼େଇ ହୋଇଛି। କଂଗ୍ରେସର ସପ୍ତଗିରି ଉଲ୍ଲାକା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର କୌଶଲ୍ୟା ହିକକାଙ୍କଠାରୁ ପ୍ରାୟ ୧ ଲକ୍ଷ ୪୭ ହଜାର ୭୪୪ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଥିବା ଜଣାପଡ଼ିଛି। ଶ୍ରୀ ଉଲ୍ଲାକା ୪ ଲକ୍ଷ ୭୧ ହଜାର ୩୯୩ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୌଶଲ୍ୟା ହିକକା ୩ ଲକ୍ଷ ୨୩ ହଜାର ୬୪୯ ଓ ବିଜେପି ପ୍ରାର୍ଥୀ କାଳୀରାମ ମାଝୀ ୨ ଲକ୍ଷ ୩୨ ହଜାର ୫୧୪ ଭୋଟ ପାଇଛନ୍ତି। ସେହିପରି ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ କୌଣସି ଆସନ ହାତେଇ ନ ଥିବାବେଳେ କୋରାପୁଟରେ ବିଜେପି ଏବଂ ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁରରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କୋରାପୁଟ (୧୪୪-ଏସସି) ସିଟରେ ବିଜେପିର ରଘୁରାମ ମାଛ ୪୬ ହଜାର ୩୫୫ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେଡି ପ୍ରାର୍ଥୀ ରଘୁରାମ ପଡାଲ ୪୪୦୧୭ ଏବଂ କଂଗ୍ରେସ ପ୍ରାର୍ଥୀ କୃଷ୍ଣ କୁଳଦୀପ ୪୨୦୨୪ ଭୋଟ ପାଇଛନ୍ତି। ଶ୍ରୀ ମାଛ ୨୩୩୮ ଖଣ୍ଡ ଭୋଟ ଅଧିକ ପାଇ କୋରାପୁଟ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପଟ୍ଟାଙ୍ଗିରେ କଂଗ୍ରେସର ରାମ ଚନ୍ଦ୍ର କାଡାମ ମୋଟ ୫୨୦୨୪ ଭୋଟ ପାଇଥିବାବେଳେ ବିଜେଡିର ପ୍ରଫୁଲ୍ଲ ପାଙ୍ଗି ୫୦୧୧୭ ଓ ବିଜେପିର ଚୈତନ୍ୟ ନନ୍ଦିବାଲି ୩୫୨୪୭ ଭୋଟ ପାଇଛନ୍ତି। ଶ୍ରୀ କାଡାମ ବିଜେଡି ପ୍ରାର୍ଥୀଙ୍କ ନିକଟରୁ ୧୯୦୭ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଲକ୍ଷ୍ମୀପୁରରେ କଂଗ୍ରେସର ପବିତ୍ର ସାଉଁନ୍ତା ୫୮୭୪୧ ଭୋଟ ପାଇଥିବାବେଳେ ବିଜେଡିର ପ୍ରଭୁ ଯାନୀ ୩୭୮୧୯ ଓ ବିଜେପି ପ୍ରାର୍ଥୀ କୈଳାଶ କୁଲେସିକା ମୋଟ ୨୩୩୧୫ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସର ଶ୍ରୀ ସାଉଁନ୍ତା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ପ୍ରଭୁ ଯାନୀଙ୍କଠାରୁ ୨୦୯୨୨ ଖଣ୍ଡ ଭୋଟ ଅଧିକ ପାଇ ଲକ୍ଷ୍ମୀପୁର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।





